


# ଗୋଟିଏ ଛାତ ତଳେ କଲ୍ୟାଣୀ ରେସିଡେନ୍ସି

**ସହରରେ ବଢ଼ିଚାଲିଛି ଆପାର୍ଟମେଣ୍ଟ ସଂସ୍କୃତି। ଏହା ସହରାଭିମୁଖୀ ମଣିଷଙ୍କ ବାସଗୃହ ଚାହିଦା ମେଣ୍ଟାଇ ଏକ ନୂଆ ଜୀବନଶୈଳୀ ଯୋଗାଇ ଦେଉଛି। ନଗର ସଭ୍ୟତାରେ ବାଟ ହୁଡ଼ିଥିବା ମଣିଷଙ୍କ ପାଇଁ ଏହା ନୂଆ ସାମାଜିକ ଚେତନା ସୃଷ୍ଟି କରିଛି। ଗୋଟିଏ ଛାତ ତଳେ ସବୁ ବର୍ଣ୍ଣ, ଧର୍ମର ମଣିଷ ମୁଣ୍ଡ ଗୁଞ୍ଜି ସହାବସ୍ଥାନ ନୀତିକୁ ଆପଣାଇ ଚାଲିଛନ୍ତି। ବଡ଼ ବଡ଼ ସହର ପରେ ମଧ୍ୟମ ଓ କ୍ଷୁଦ୍ର ସହରରେ ଆପାର୍ଟମେଣ୍ଟ ସଂସ୍କୃତିର ଆଦର ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା।**

ଆପାର୍ଟମେଣ୍ଟ

## ପ୍ରଥମ ଆପାର୍ଟମେଣ୍ଟ

ଭଦ୍ରକ ସହର ଗବସାହି ଭିଆଇପି ରୋଡ। ଏହାକଡ଼ରେ ଗଢ଼ିଉଠିଛି କଲ୍ୟାଣୀ ରେସିଡେନ୍ସି। ଏହା ଭଦ୍ରକର ପ୍ରଥମ ଆପାର୍ଟମେଣ୍ଟ। ୩ ବ୍ଲକକୁ ନେଇ ଗଠିତ ଆପାର୍ଟମେଣ୍ଟରେ ରହିଛି ୮୮ଟି ଫ୍ଲାଟ। ପ୍ରତ୍ୟେକ ବ୍ଲକ ୪ ମହଲା ବିଶିଷ୍ଟ। ଉପର ମହଲାକୁ ଯିବା ପାଇଁ ଶିଡ଼ି ଓ ଲିଫ୍ଟ ଅଛି। ସମୁଦାୟ ୨.୫ ଏକର ଜମି ଉପରେ ଠିଆ ହୋଇଥିବା ଏହି ଆପାର୍ଟମେଣ୍ଟରେ ଗାଡ଼ି ରହିବା ଲାଗି ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଛି। ଦିନରାତି ପାଣି ସାଙ୍ଗକୁ ୨୪ ଘଣ୍ଟିଆ ସିକ୍ୟୁରିଟି ବ୍ୟବସ୍ଥା। ଜଣେ କେୟାରଟେକର ସାଙ୍ଗକୁ ୨ ଜଣ ସୁଇପର କାର୍ଯ୍ୟ କରୁଛନ୍ତି। ଏଠାରେ ଫ୍ଲାଟ କିଣି ପରିବାର ସହ ରହୁଥିବା ଲୋକେ ମିଳିମିଶି ଚଳିବା ସାଙ୍ଗକୁ ବିଭିନ୍ନ ସାମାଜିକ ଉତ୍ସବ ଓ ପର୍ବପର୍ବାଣି ପାଳୁଛନ୍ତି। କାହାର ବାହାଘର କି ଜନ୍ମଦିନ ହେଲେ ମାହୋଲ ସମ୍ପୂର୍ଣ୍ଣ ବଦଳିଯାଏ। ଆପାର୍ଟମେଣ୍ଟ ବାସିନ୍ଦାଙ୍କ ସୁବିଧା ପାଇଁ ଏହା ପାର୍ଶ୍ୱରେ ରହିଛି ଏକ ସପିଂ ମଲ୍, ଯେଉଁଠି ସମସ୍ତ ରାଶନ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ମିଳିପାରୁଛି।

## ପର୍ବପର୍ବାଣି

କଥାରେ ଅଛି ଓଡ଼ିଶାରେ ଓଡ଼ିଆ ଲୋକଙ୍କ ଚଳଣିରେ ବାର ମାସରେ ତେର ପର୍ବ ପାଳିତ ହୋଇଥାଏ। ଧୀରେ ଧୀରେ ଗ୍ରାମ ଓ ସହରରୁ ପୁରୁଣା ସଂସ୍କୃତି ହଜିଯାଉଥିବା ବେଳେ ଆପାର୍ଟମେଣ୍ଟର ସାମାଜିକ ଜୀବନଧାରା ଏ କ୍ଷେତ୍ରରେ ନୂଆ ଆଶା ଆଣି ଦେଇଛି। ଆପାର୍ଟମେଣ୍ଟ ବାସିନ୍ଦା ଗଣେଶ ପୂଜା ହେଉ କି ସରସ୍ୱତୀ ପୂଜା, ହୋଲି ହେଉ କି ପାର୍ବଣ ଓ ଦୀପାବଳି ଉତ୍ସବ ମିଳିମିଶି ପାଳନ କରୁଥିବାରୁ ଏହା ଅନ୍ୟମାନଙ୍କଠାରୁ ଭିନ୍ନ ବାରି ହୋଇପଡୁଛି। ଏବେ କଲ୍ୟାଣୀ ରେସିଡେନ୍ସି ପାର୍ବଣ ପାଇଁ ଉତ୍ସବମୁଖର ହୋଇଉଠିଛି। ଏସବୁ ପର୍ବପର୍ବାଣିରେ ପରମ୍ପରା ଓ ଆଧୁନିକ ଜୀବନଧାରାର ସମନ୍ୱୟ ବେଶ୍ ସରସତା ଆଣି ଦେଇପାରିଛି।

**ପ୍ରତିଷ୍ଠାତା:**
ବିଭୁଚନ୍ଦ୍ର ଜେନା
**ଗୃହ ପ୍ରବେଶ:** ୨୦୧୩
**ଫ୍ଲାଟ ସଂଖ୍ୟା:** ୮୮
**ବ୍ଲକ:** ୩ ଟି (ଏ, ବି, ସି)
**ସଙ୍ଗଠନ:** କଲ୍ୟାଣୀ ରେସିଡେନ୍ସି ହାଉସ ଓନର୍ସ ସୋସାଇଟି
**ସମ୍ପାଦକ:** ବସନ୍ତ ଦାସ(ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ)
**ଶୃଙ୍ଖଳା କମିଟି ଅଧ୍ୟକ୍ଷ:** ଗୋବିନ୍ଦ ମହାପାତ୍ର(ଆଇନଜୀବୀ)
**ସହଯୋଗୀ କମିଟି କର୍ମକର୍ତ୍ତା:**
୧. ବିରୂପ କୁମାର ଜେନା
୨. ଗିରିଜା ଶଙ୍କର ମହାପାତ୍ର
୩. ନିରଞ୍ଜନ ସାହୁ
୪. ଦୀପ୍ତିରଞ୍ଜନ ଦାସ
୫. ତନୁଶ୍ରୀ ଦତ୍ତ
୬. ସରୋଜ କୁମାର ପଲେଇ
**ସାଂସ୍କୃତିକ ସମ୍ପାଦକ:** ଶ୍ରୀକାନ୍ତ କୁମାର ସାହୁ

■ ରିପୋର୍ଟ: ବିଭୂପ୍ରସାଦ ବେହେରା

## ସୁରକ୍ଷା ଦେଉଛି ସିସିଟିଭି



ଭାଇଚାରାଠାରୁ ଦୂରେଇ ଯାଉଥିବାରୁ ସହରୀ ଜୀବନରେ ସମ୍ପର୍କ ଗଢ଼ିଉଠୁନାହିଁ। ଏଭଳି ସ୍ଥିତିରେ ନାଗରିକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କିନ୍ତୁ ଗୋଟିଏ ଛାତ ତଳେ ଅନେକଙ୍କୁ ଆଶ୍ରୟ ଦେଉଥିବା ଆପାର୍ଟମେଣ୍ଟ ରହୁଛି ସିସିଟିଭି ସୁରକ୍ଷା ବଳୟ ଭିତରେ। କୌଣସି ବାହାର ଲୋକ ଆସିଲେ ରେଜିଷ୍ଟରରେ ନାଁ ଉଲ୍ଲେଖ କରାଯାଉଛି। ପରିଦର୍ଶକ କେତେବେଳେ ଆସିଲେ, କାହାକୁ ଦେଖା କରିବେ, ତାଙ୍କ ମୋବାଇଲ ନମ୍ବର ସମ୍ପର୍କରେ ତଥ୍ୟ ମୁଖ୍ୟ ଫାଟକରେ ରଖାଯାଏ। ପାର୍କିଂ ସ୍ଥାନଠାରୁ ଆରମ୍ଭ କରି ପାହାଚ, ଲିଫ୍ଟ, ପ୍ରବେଶ ପଥ ସିସିଟିଭି କଭରେଜ ଏରିଆ ଭିତରେ। ଏଣୁ ସୁରକ୍ଷା ଦୃଷ୍ଟିକୋଣରୁ ଏହା ଉତ୍ତମ।

**- ଡ.ଶଶଧର ଦାସ, ବାସିନ୍ଦା**

## ମିଳିମିଶି ଚଳୁଛୁ



କଲ୍ୟାଣୀ ରେସିଡେନ୍ସିରେ ୮୮ ପରିବାର ବସବାସ କରୁଛନ୍ତି। ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ଲୋକ ମିଳିମିଶି ଚଳୁଥିବାରୁ କୌଣସି ଦିନ କାହାରି ମଧ୍ୟରେ ମତାନ୍ତର ହୋଇନାହିଁ। କୌଣସି ସମସ୍ୟା ହେଲେ ସମାଧାନ ପାଇଁ ଶୃଙ୍ଖଳା କମିଟି ଓ ସହଯୋଗୀ କମିଟି ଗଢ଼ାଯାଇଛି। ବୃଦ୍ଧାବୃଦ୍ଧଙ୍କ ସକାଶେ ମର୍ନିଂୱାକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଆପାର୍ଟମେଣ୍ଟ ଆଗରେ ଥିବା ବଗିଚା ଛୋଟିଆ ହେଲେ ବି ଏହାର ପ୍ରବେଶ ପଥରେ ଥିବା ଗଣେଶଙ୍କ ପ୍ରତିମୂର୍ତ୍ତି ପରିବେଶକୁ ଶୋଭନୀୟ କରୁଛି।

**- ଗୋବିନ୍ଦ ମହାପାତ୍ର, ଶୃଙ୍ଖଳା କମିଟି ଅଧ୍ୟକ୍ଷ**

## ଶିଶୁ ଓ ମହିଳାଙ୍କ ପାଇଁ ଉତ୍କୃଷ୍ଟ ସ୍ଥାନ



ଆପାର୍ଟମେଣ୍ଟ ଶିଶୁ ଓ ମହିଳାଙ୍କ ପାଇଁ ବେଶ୍ ସୁରକ୍ଷିତ ସ୍ଥାନ। ସୁରକ୍ଷା ବ୍ୟବସ୍ଥା ହେତୁ ପିଲାମାନେ ଆପାର୍ଟମେଣ୍ଟ ପରିସରରେ ବେଶ୍ ଖୁସିରେ ଖେଳିବୁଲି ପାରୁଛନ୍ତି। ସିକ୍ୟୁରିଟି କାହାକୁ ବାହାରକୁ ଛାଡ଼ି ଦିଅନ୍ତି ନାହିଁ। ଏଥିଲାଗି ଅଭିଭାବକଙ୍କୁ ଚିନ୍ତା କରିବାକୁ ପଡ଼େ ନାହିଁ। ଯଦି ପିଲାଙ୍କ ପାଇଁ ଏକ କିଡସ୍ ପାର୍କ କରାଯାଇପାରନ୍ତା ଭଲ ହୁଅନ୍ତା।

**- ଲକ୍ଷ୍ମୀପ୍ରିୟା ମହାପାତ୍ର, ବାସିନ୍ଦା**

## ସାମାନ୍ୟ ସମସ୍ୟାରେ ଖୋଜାପଡ଼ନ୍ତି



ଆପାର୍ଟମେଣ୍ଟରେ ରହୁଥିବା ଲୋକଙ୍କ ସୁବିଧା ପାଇଁ କେୟାରଟେକର ବ୍ୟବସ୍ଥା ରହିଛି। କାହାରି କିଛି ସମସ୍ୟା ହେଲେ ସେମାନେ ଆମକୁ ଖୋଜନ୍ତି। ବିଦ୍ୟୁତ ହେଉ କି ପାଣି ଟ୍ୟାପ୍ ସମସ୍ୟା ସଙ୍ଗେ ସଙ୍ଗେ ସମାଧାନ କରାଯାଏ। ଆପାର୍ଟମେଣ୍ଟବାସୀଙ୍କୁ ସେବା ଯୋଗାଇ ସେମାନଙ୍କ ଜୀବନଧାରା ସହ ସାମିଲ ହୋଇପାରିଥିବାରୁ ମୁଁ ବେଶ୍ ଖୁସି।

**- ବିଜୟ କୁମାର ପରିଡା, କେୟାରଟେକର**

